# ପୁଣି ନରହନ୍ତା ଦନ୍ତା ଆତଙ୍କ

**ଆକ୍ରମଣରେ ୨ ମୃତ୍ୟୁ**

- ସ୍ତ୍ରୀଙ୍କ ଆଖି ଆଗରେ ସ୍ୱାମୀଙ୍କୁ ଦଳିମାରିଦେଲା
- ଶୌଚ ହେବାକୁ ଯାଇଥିବା ବୃଦ୍ଧାଙ୍କୁ କଚାଡ଼ିଦେଲା



ପରଜଙ୍ଗ, ୨୧।୧(ଡି.ଏନ୍.ଏ.)

ଅନୁଗୋଳ ପରେ ଢେଙ୍କାନାଳକୁ ଫେରିଛି ନରହନ୍ତା ଦନ୍ତା ଆତଙ୍କ। ଶନିବାର ଭୋର୍ ସମୟରେ ଜନବସ୍ତିକୁ ପ୍ରବେଶ କରିଥିବା ଏକ ହିଂସ୍ର ହାତୀ ପରଜଙ୍ଗ ଅଞ୍ଚଳରେ ଆତଙ୍କ ଖେଳାଇଛି। ମାତ୍ର ଘଣ୍ଟାଏ ବ୍ୟବଧାନରେ ପୃଥକ୍ ସ୍ଥାନରେ ନେଇଛି ଦୁଇ ଜୀବନ। ଶୌଚହେବାକୁ ଯାଇଥିବା ବେଳେ ସ୍ତ୍ରୀଙ୍କ ଆଖିଆଗରେ ସ୍ୱାମୀଙ୍କୁ ଦଳିଦେଇଥିବା ବେଳେ ଘଟଣାସ୍ଥଳରୁ ୭କିମି ଦୂରରେ ଅନୁରୂପ ଭାବେ ଜଣେ ବୃଦ୍ଧାଙ୍କୁ କଚାଡ଼ି ମାରିଛି। ମୃତକ ହେଲେ ପିତିରି ପଞ୍ଚାୟତ ଖାଲପାଳ ଗ୍ରାମ ଦଳିତ ବସ୍ତିର ଅଲେଖ ନାୟକ (୬୫) ଏବଂ ପରଜଙ୍ଗ ଗ୍ରାମର ବାରି ନାୟକ (୭୦)। ଏଭଳି ଅଭାବନୀୟ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଥିବା ବେଳେ ଏଥିପାଇଁ ଅଞ୍ଚଳବାସୀ ବନ ବିଭାଗର ବିଫଳତାକୁ ଦାୟୀ କରିଛନ୍ତି।

ଖାଲପାଳ ଗ୍ରାମର ଅଲେଖ ନାୟକ ଭୋର୍ ୪ଟାରେ ଘର ପଛପାଖ ପଡ଼ିଆକୁ ଶୌଚ ହେବାକୁ ଯାଇଥିଲେ। ସ୍ତ୍ରୀ ଗୌରୀ ଅଳ୍ପ ଦୂରରେ ଗୋବର ଗୋଟାଉଥିବାବେଳେ ହଠାତ୍ ଉକ୍ତ ହାତୀ ପଛପଟୁ ଆସି ଅଲେଖଙ୍କୁ ଆକ୍ରମଣ କରି ପାଦରେ ଦଳିଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଗୌରୀ ଜୀବନ ରକ୍ଷାକରି ଦୌଡ଼ି ଆସି ପାଟି କରିବାରୁ ପାଖପଡ଼ୋଶୀ ପହଞ୍ଚି ହାତୀକୁ ଘଉଡ଼ାଇଥିଲେ। ସୂଚନା ପାଇ ସରାଙ୍ଗ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସଦଳବଳ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏହାପରେ ବନ କର୍ମଚାରୀ ପହଞ୍ଚିଥିଲେ ମଧ୍ୟ ହାତୀକୁ ଠାବ କରିପାରି ନ ଥିଲେ। ଏପଟେ ମାତ୍ର ଘଣ୍ଟାଏ ମଧ୍ୟରେ ଉକ୍ତ ହାତୀ ୭ କି.ମି. ପଥ ଅତିକ୍ରମ କରିପରଜଙ୍ଗ–ଭାଲୁମୁଣ୍ଡା ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଥିବା ଫାର୍ମ ହାଉସ୍‌ରେ ପହଞ୍ଚିଥିଲା। ସେଠାରେ ରହୁଥିବା ପରଜଙ୍ଗ ଗ୍ରାମର ଦାଶରଥି ନାୟକଙ୍କ ସ୍ତ୍ରୀ ବାରି ପାଖ ପଡ଼ିଆକୁ ଶୌଚ ହେବା ଲାଗି ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। କିଛି ଭାବିବା ପୂର୍ବରୁ ଦନ୍ତା ତାଙ୍କୁ ଦଳିଦେଇଥିଲା। ଘଟଣାସ୍ଥଳରେ ବୃଦ୍ଧାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ପରଜଙ୍ଗ ଥାନା ଏଏସ୍ଆଇ ସୁରେଶ ଚନ୍ଦ୍ର ଧଳ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ରେଞ୍ଜର ସତ୍ୟନାରାୟଣ ସାହୁ ପହଞ୍ଚି ହାତୀ ଗତିବିଧି ଉପରେ ନଜର ରଖିବାକୁ ବନ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡିହଡୋଳ ଫରେଷ୍ଟର ଅଜିତ୍ ଦଳେଇ କୁହନ୍ତି, ଉକ୍ତ ନରହନ୍ତା ଦନ୍ତା ବାରବାଙ୍କ ସଂରକ୍ଷିତ ଜଙ୍ଗଲମୁହାଁ ହୋଇଥିବା ଅନୁମାନ କରାଯାଉଛି। ଦୁଇଟି ଗାଡ଼ିରେ ବନ କର୍ମଚାରୀ ହାତୀ ଉପରେ ନଜର ରଖିବା ଲାଗି ଯାଇଛନ୍ତି। କିନ୍ତୁ ହାତୀର ସନ୍ଧାନ ମିଳିପାରିନାହିଁ।

ଅନ୍ୟପଟେ ଏହି ଘଟଣା ପାଇଁ ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ ବନ ବିଭାଗର ଅବହେଳାକୁ ସମ୍ପୂର୍ଣ୍ଣ ଦାୟୀ କରିଛନ୍ତି। ହାତୀ ଘଉଡ଼ାଇବାରେ ବନ କର୍ମଚାରୀ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଗୋଠଛଡ଼ା ଦନ୍ତାର ଉପସ୍ଥିତି ସମ୍ପର୍କରେ ସଚେତନ କରାଯାଉନାହିଁ। ଦିନକୁ ଦିନ ହାତୀ ଉପଦ୍ରବ ବଢୁଥିବାରୁ ଅଞ୍ଚଳବାସୀଙ୍କୁ ସତର୍କ ରହିବା ଲାଗି ସେ ନିବେଦନ କରିଛନ୍ତି। ସେହିପରି ବିଜେଡି ଯୁବ ସଂଗଠକ ଅସିତ୍ କୁମାର ରାୟଚୌଧୁରୀ ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ହାତୀକୁ ଅନ୍ୟତ୍ର ଘଉଡ଼ାଇବା ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ସେ ରେଞ୍ଜରଙ୍କ ସହ ଆଲୋଚନା କରିଛନ୍ତି।

## ମାତାଲ କରୁଛି ମହୁଲ ପୋଚ

ପରଜଙ୍ଗ ଅଞ୍ଚଳରେ ନରହନ୍ତା ଦନ୍ତାର ଏଭଳି ଆତଙ୍କ ପଛରେ ମହୁଲ ପୋଚ ଥିବା ଅନୁମାନ କରାଯାଉଛି। ଏ ସଂକ୍ରାନ୍ତରେ ରେଞ୍ଜର ସତ୍ୟନାରାୟଣ ସାହୁ କୁହନ୍ତି, ଉକ୍ତ ହାତୀ ଆମ୍ବପଳାସ ଗ୍ରାମ୍ୟ ଜଙ୍ଗଲରେ ଡେରା ପକାଇଥିଲା। ଉକ୍ତ ଅଞ୍ଚଳରେ ବିପୁଳ ପରିମାଣର ମହୁଲି ମଦ ରନ୍ଧା ଯାଉଛି। ସମ୍ଭବତଃ ହାତୀଟି ଅତ୍ୟଧିକ ମହୁଲ ପୋଚ ଖାଇ ମାତାଲ ଅବସ୍ଥାରେ ଜନବସତିକୁ ପ୍ରବେଶ କରି ଏଭଳି କାଣ୍ଡ ଘଟାଇଥିବା ସନ୍ଦେହ କରାଯାଉଛି।

## ବ୍ୟବଚ୍ଛେଦ ପାଇଁ ହଟହଟା

ହାତୀ ଆକ୍ରମଣରେ ଦୁଇ ପରିବାର ଦୁଇଜଣ ସଦସ୍ୟଙ୍କୁ ହରାଇ ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିବାବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ହଟହଟାର ସମ୍ମୁଖୀନ ହେବା ଚର୍ଚ୍ଚାର ବିଷୟ ପାଲଟିଛି। ଦନ୍ତା ଦୁଇଜଣଙ୍କ ଜୀବନ ନେବା ପରେ ପୋଲିସ ଏବଂ ବନ କର୍ମଚାରୀ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିବା ଲାଗି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ସେଠାରେ ସ୍ୱାସ୍ଥ୍ୟ କର୍ମଚାରୀ ନ ଥିବାରୁ କର୍ତ୍ତୃପକ୍ଷ କାମାକ୍ଷାନଗର ନେଇଯିବାକୁ କହିଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ସୁବିଧା ଥିଲେ ହେଁ ଅଧିକାଂଶ ସମୟରେ କର୍ମଚାରୀ ରହୁ ନ ଥିବାରୁ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।



## ହାତୀ ଉପଦ୍ରବ

ରାସୋଳ, ୨୧।୧(ଡି.ଏନ.ଏ.)

ହିନ୍ଦୋଳ ରେଞ୍ଜ୍ ଖଲିବୋରେଇ ସେକ୍ସନର କଦଳୀପାଳ, ଖରଚୁଲି, ଚିଲତଇଳା, ବସନ୍ତିଆ, ଗଣ୍ଡାନାଳୀ ଗ୍ରାମରେ ଶୁକ୍ରବାର ଏକ ଦନ୍ତା ଆତଙ୍କ ସୃଷ୍ଟି କରିଛି। ଉକ୍ତ ହାତୀ ଗୋଠରୁ ବାହାରି ବ୍ୟାପକ ପରିବା ଚାଷ ନଷ୍ଟ କରି ପକାଇଛି। ଗଣ୍ଡାନାଳୀ ଗ୍ରାମର ସଉରିଆ ସ୍ୱାଇଁଙ୍କ ଘର କାନ୍ଥ, ବନମାଳୀ ସ୍ୱାଇଁଙ୍କ କବାଟ, ସରୋଜ ସାହୁଙ୍କ ଏକ କାର୍‌କୁ ଭାଙ୍ଗି ଦେଇଛି। ସେହିପରି ପ୍ରଶାନ୍ତ ସ୍ୱାଇଁଙ୍କ ୨୦ ଗୁଣ୍ଠ ଜମିରେ ହୋଇଥିବା କଖାରୁ ଫସଲ, ୧୦ ଗୁଣ୍ଠ ହରଡ଼ ଚାଷ ନଷ୍ଟ କରିଦେଇଛି। ଉକ୍ତ ହିଂସ୍ର ହାତୀ ଦିନତମାମ ଗାଁ ମୁଣ୍ଡରେ ରହୁଛି। ସନ୍ଧ୍ୟା ହେଲେ ଗାଁ ମୁହାଁ ହେଉଛି। ସକାଳୁ କୁନୁଆ ଆଡ଼କୁ ପଳାଇଯାଉଛି। ଖଲିବେରେଇ ଫରେଷ୍ଟର ହିମାଂଶୁ ପୃଷ୍ଟି ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତିର ଫଟୋ ଉଠାଇ ନେଇଛନ୍ତି। ହାତୀ ଉପରେ ନଜର ରଖାଯାଇଥିବା ସେ ସୂଚନା ଦେଇଛନ୍ତି।

## ୩୯୧ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଢେଙ୍କାନାଳ ଅଫିସ, ୨୧।୧

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଶିବପୁର ପଞ୍ଚାୟତର ଚରଡ଼ଗାଡ଼ିଆ ପ୍ରାଥମିକ ବିଦ୍ୟାଳୟରେ ନଭ ଲିମିଟେଡ୍ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଶୋଭା'ର ମିଳିତ ସହଯୋଗରେ ଶନିବାର ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଚରଡ଼ଗାଡ଼ିଆ, ଶିବପୁର, କୋଳିଳାମଡ଼ା ଅଞ୍ଚଳର ୩୯୧ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ୫୨ଜଣଙ୍କୁ ଚଷମା ବଣ୍ଟନ କରାଯାଇଛି। ନଭ ଲିମିଟେଡ୍ ଉପସଭାପତି କମୋଡର ଜି. ପ୍ରକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ପଚାରି ବୁଝିଥିଲେ। କମ୍ପାନୀ ପକ୍ଷରୁ ସବୁକ୍ଷେତ୍ରରେ ଏଭଳି ସହଯୋଗ ଜାରି ରହିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ସରପଞ୍ଚ ମାନସ ରଞ୍ଜନ ମହାକୁଡ଼, ସିଏସ୍ଆର୍ ମୁଖ୍ୟ ରାଧେଶ୍ୟାମ ସିଂ, ହେମନ୍ତ ପଟେଲ, 'ଶୋଭା' ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର, ଆଡ୍‌ଭୋକେଟ ବସନ୍ତ ରଥଙ୍କ ସମେତ କମ୍ପାନୀର ବହୁ ଅଧିକାରୀ ଉପସ୍ଥିତ ଥିଲେ।

ଶିବିରରେ ରକ୍ତଶର୍କରା, ହିମୋଗ୍ଲୋବିନ, ମ୍ୟାଲେରିଆ, ବ୍ଲଡ୍ ଗ୍ରୁପିଂ ଆଦି ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ଗୋକୁଳ ଚନ୍ଦ୍ର ହୋତା, ଡା. ସୁଧୀର ପଟ୍ଟନାୟକ, ଡା. ପମିଲ କୁମାର ପଧାନ, ଡା. ଅଭିଷେକ ଦାସ, ମମତା ସିଂ ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାର୍ମାସିଷ୍ଟ ପୂଜାରାଣୀ ସାହୁ, ଏଲ୍‌ଟି ହିରଣ୍ମୟ ପୃଷ୍ଟି, ଜିଏନ୍ଏମ୍ ସ୍ୱାଗତିକା ଦାସ, ଅମିତ୍ ମିଶ୍ର ସହଯୋଗ କରିଥିଲେ।




କାର୍ଯ୍ୟକ୍ରମ ସମ୍ପର୍କରେ ଅତିଥି ସୂଚନା ଦେଉଛନ୍ତି।

## ଜୀବନରେ ଯୋଗ ଜରୁରୀ

ଢେଙ୍କାନାଳ ଅଫିସ, ୨୧।୧

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ସଭା ଗୃହଠାରେ 'ରେନେସା ୟୁନିଭର୍‌ସାଲ' ପକ୍ଷରୁ ମାନବ ଜୀବନରେ ଯୋଗର ଆବଶ୍ୟକତା ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଦୀନେଶ ସ୍ୱାଇଁ କହିଲେ, ଦୈନନ୍ଦିନ ଜୀବନରେ ଯୋଗ ଜରୁରୀ। ନିୟମିତ ଯୋଗାଭ୍ୟାସ, ଆସନ, ପ୍ରାଣାୟାମ ଦ୍ୱାରା ସ୍ୱାସ୍ଥ୍ୟ ଭଲ ରୁହେ। ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତ୍ରିପୁରା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗ ମୁଖ୍ୟ ପ୍ରଫେସର ଆଦିତ୍ୟ କୁମାର ମହାନ୍ତି, ପ୍ରଫେସର ବିନାୟକ ରଥ, ସାମାଜିକକର୍ମୀ ବିରଞ୍ଚି ନାରାୟଣ ପାଣିଙ୍କ ସମେତ ବହୁ ବୁଦ୍ଧିଜୀବୀ ଆଲୋଚନାରେ ଭାଗ ନେଇଥିଲେ।

## 'ବୁଥ୍‌ସ୍ତରରୁ ସଙ୍ଗଠନ ମଜଭୁତ କର'



ବୈଠକରେ ଭାଜପା ନେତୃମଣ୍ଡଳୀ, କର୍ମୀମାନେ।

ଢେଙ୍କାନାଳ ଅଫିସ, ୨୧।୧

ଢେଙ୍କାନାଳ ଭାଜପା ନଗରମଣ୍ଡଳର ଏକ ସ୍ୱତନ୍ତ୍ର କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ସ୍ଥାନୀୟ ଜିଲା ଭାଜପା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ନଗରମଣ୍ଡଳ ସଭାପତି ଧ୍ରୁବଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଜିଲା ପ୍ରଭାରୀ ପ୍ରଭାତୀ ପରିଡା ଯୋଗଦେଇ ବୁଥ୍‌ସ୍ତରରୁ ସଙ୍ଗଠନକୁ ମଜଭୁତ୍ କରିବା ସହ ଆଗାମୀ ସାଧାରଣ ନିର୍ବାଚନ ଲାଗି ପ୍ରସ୍ତୁତ ରହିବା ନେଇ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ଲୋକ ସଭା ସଂଯୋଜକ ପ୍ରେମାନନ୍ଦ ଜେନା, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲା ସାଧାରଣ ସମ୍ପାଦକ ସୁନୀଲ୍ ଶର୍ମା, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲା ଉପସଭାପତି ବିଷ୍ଣୁପ୍ରସାଦ ଲେଙ୍କା, ସନାତନ ବେହେରା, ମାତୃପ୍ରସାଦ ନନ୍ଦ, ନୀରୋଦ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ନାରୀନେତ୍ରୀ ଭାରତୀ ସ୍ୱାଇଁ, ବିକାଶ ସାହୁ, ରୁଦ୍ରପ୍ରତାପ ରାଉତ, ଦୀପକ ପଟ୍ଟନାୟକ, ସତ୍ୟରଞ୍ଜନ ଭୂୟାଁ, ରମ୍ୟରଞ୍ଜନ ମହାପାତ୍ର, ଏମ୍.ଜେ. ମହିମା, କାଳିନ୍ଦୀ ଚରଣ ସାହୁ, ପ୍ରତାପ ସାହୁ, ସନ୍ତୋଷ ରାଉତ, ରୁଦ୍ରନାରାୟଣ ତ୍ରିପାଠୀ, ଅଶୋକ ଦାସ, ଶେକ୍ ସଲ୍ଲାଉଦ୍ଦିନ୍, ସୁଚିତ୍ର ବେହେରା, ବିନୋଦିନୀ ସାହୁ, ଲକ୍ଷ୍ମୀଧର ଦଳେଇ, ଲକ୍ଷ୍ମୀପ୍ରିୟା ଦଳେଇ, ବଳରାମ ସେଠୀ, ମମତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଷ୍ୟଗ୍ରାମରେ କୋଭିଡ୍ ସଚେତନତା

ଢେଙ୍କାନାଳ ଅଫିସ, ୨୧।୧

ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍ଏସ୍ଏସ୍‌ର ସ୍ୱତନ୍ତ୍ର ଶୀତକାଳୀନ ଶିବିର ଆରମ୍ଭ ହୋଇଛି। ଏହା ୨୫ ତାରିଖ ଯାଏ ଚାଲିବ। ଉଦ୍‌ଘାଟନୀ ଦିବସରେ ପୋଷ୍ୟଗ୍ରାମ ବରଷଘରିଆରେ କୋଭିଡ୍ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ରାଜକିଶୋର ରାଉତ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ର ଜୀବନରୁ ସ୍ୱେଚ୍ଛାସେବୀ ହେବାକୁ ପ୍ରୟାସ କରୁଥିବା ଶିକ୍ଷାର୍ଥୀ ଭବିଷ୍ୟତରେ ଜଣେ ଭଲ ମଣିଷ ହୋଇପାରିବେ ବୋଲି ସେ ନିଜ ଭାଷଣରେ କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସମିତିସଭ୍ୟ ଭଗବାନ ସାହୁ, ପୋଷ୍ୟ ଗ୍ରାମର ପୂର୍ବତନ ସଭାପତି କ୍ଷୀରୋଦ ପଣ୍ଡା ଉପସ୍ଥିତ ଥିଲେ। ସଂଯୋଜକ ଅଧ୍ୟାପକ ଦୁର୍ଗାମାଧବ ପାଣିଗ୍ରାହୀ, ସୁଶୀଲ ନାୟକ, ଦେବୀପ୍ରସାଦ ପତି, ବିଭୂତି ଭୂଷଣ ସାହୁ, ରବିନାରାୟଣ ସାହୁ, ଦଣ୍ଡଧର ସାହୁ ଶିବିର ପରିଚାଳନା ଦାୟିତ୍ୱରେ ଅଛନ୍ତି। ମୋଟ ୫୦ ସ୍ୱେଚ୍ଛାସେବୀ ଶିବିରରେ ଭାଗ ନେଇଛନ୍ତି।



ସଚେତନତା ଶୋଭାଯାତ୍ରାରେ ସ୍ୱେଚ୍ଛାସେବୀମାନେ।

## ୨୪ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ

କାମାକ୍ଷାନଗର, ୨୧।୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ସହରରୁ ସ୍ଥାନୀୟ ପୋଲିସ ଶନିବାର ୨୪ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଏହି ଘଟଣାରେ ରଞ୍ଜନ ବେହେରା (୩୨) ଗିରଫ ହୋଇଛନ୍ତି। ତାଙ୍କ ନିକଟରୁ ଏକ ବାଇକ୍ (ନଂ. ଓଡ଼ି ୦୬ ଏଫ୍ ୪୫୫୫), ନଗଦ ୩,୦୨୦ ଟଙ୍କା ଏବଂ ଏକ ମୋବାଇଲ ଫୋନ ଜବତ କରାଯାଇଛି। ଏ ନେଇ ଥାନାରେ ନଂ. ୨୮/୨୩ରେ ଏକ ମାମଲା ରୁଜୁ ହୋଇଛି।

କାମାକ୍ଷାନଗର ଅଞ୍ଚଳରେ ଦୀର୍ଘଦିନ ଧରି ବ୍ରାଉନ୍‌ସୁଗାର ଭଳି ନିଷିଦ୍ଧ ନିଶା କାରବାର ହୋଇଆସୁଛି। ପୋଲିସ ନିଶା ବ୍ୟବସାୟୀଙ୍କ ନିକଟରେ ପହଞ୍ଚିବାରେ ଅଧିକାଂଶ ସମୟ ବିଫଳ ହେଉଥିବାବେଳେ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଟିମ୍ ଚଢ଼ାଉ କରି ଦୁଇଥର ପାଉଡ଼ର ଜବତ କରିଥିଲା। କାମାକ୍ଷାନଗର ବାଇପାସ୍ ଦେଇ ବ୍ରାଉନ୍‌ସୁଗାର ଚାଲାଣ କରାଯାଉଥିବା ଗୋଇନ୍ଦା ସୂଚନା ମିଳିବା ପରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ରଙ୍କ ନିର୍ଦ୍ଦେଶରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ କାମାକ୍ଷାନଗର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଢେଙ୍କାନାଳ ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ସବିଶେଷ ସୂଚନା ଦେଇଛନ୍ତି। ଥାନା ଅଧିକାରୀ ଶରତ ମହାଲିକ, ଏସ୍ଆଇ ସ୍ୱର୍ଣ୍ଣପ୍ରଭା ସାହୁ, ସୁଧାକର ମହାନ୍ତି, ଏଏସ୍ଆଇ ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

## ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ଢେଙ୍କାନାଳ ଅଫିସ, ୨୧।୧

ଢେଙ୍କାନାଳ ହିନ୍ଦୋଳରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି। ଅର୍ଥନୀତି ବିଭାଗ ଅଧ୍ୟାପିକା ନୟନା ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ କଲେଜ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ପ୍ରତି ଆତ୍ମରକ୍ଷାର ଆବଶ୍ୟକତା ଉପରେ ଛାତ୍ରୀଙ୍କ ମାର୍ଗଦର୍ଶନ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଦେବାନନ୍ଦ ଦାସ, କମ୍ପ୍ୟୁଟର ବିଜ୍ଞାନ ବିଭାଗୀୟ ମୁଖ୍ୟ ମଧୁସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୭୭ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଯୁକ୍ତ ୩ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ରୀ ମୋନାଲିସା ରାଉତ ଓ ଯୁକ୍ତ ୩ ପ୍ରଥମ ବର୍ଷ କଳା ବିଭାଗ ଛାତ୍ରୀ ଶ୍ରାବଣୀ ମଲ୍ଲିକ ମାଷ୍ଟର ଟ୍ରେନର୍ ଭାବେ ଯୋଗଦେଇଥିଲେ।

## ମୋରମ ଖଣି ନିଲାମ ବାତିଲ ଦାବି



ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଗ୍ରାମବାସୀ।

ଢେଙ୍କାନାଳ ଅଫିସ, ୨୧।୧

ମୋରମ ଖଣି ନିଲାମ ବାତିଲ ଦାବିରେ ଢେଙ୍କାନାଳ ସଦର ବ୍ଲକ୍ ପାମାଳ ଗ୍ରାମବାସୀ ଶନିବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ଶଙ୍କରପୁର ମୌଜାର ଖାତା ନଂ. ୧୩୨୧, ପ୍ଲଟ ନଂ. ୫୯୬୨ରେ ୩,୫୦୦ କାଜୁ, ଆମ୍ବ ଏବଂ ପଣସ ଗଛ ରହିଛି। ପଞ୍ଚାୟତ ପ୍ରଶାସନର ଅନୁମତିକ୍ରମେ ଦୀର୍ଘ ୩୦ ବର୍ଷ ହେଲା ଗ୍ରାମବାସୀ ଏହାର ରକ୍ଷଣାବେକ୍ଷଣ କରି ଆସୁଛନ୍ତି। ଉପାର୍ଜିତ ଅର୍ଥ ଗ୍ରାମଦେବତୀଙ୍କ ପୂଜାର୍ଚ୍ଚନାରେ ଖର୍ଚ୍ଚ କରାଯାଉଛି। ତେବେ ଗ୍ରାମସଭା କିମ୍ବା ବୈଠକ ନ କରି ଉକ୍ତ ଜାଗାକୁ ମୋରମ୍ ଖନନ ଲାଗି ନିଲାମ ଦିଆଯାଉଛି। ଏହା ହେଲେ ଫଳ ବଗିଚା ଉଜୁଡ଼ିଯିବ। ଏହାର ପ୍ରଭାବ ଅଞ୍ଚଳର ପରିବେଶ ଉପରେ ପଡ଼ିବ। ତେଣୁ ଏହାକୁ ବାତିଲ କରିବା ଲାଗି ଗ୍ରାମର ସୁଶୀଲ୍ ରାଉତ, ପ୍ରମୋଦ ସାହୁ, ସୂର୍ଯ୍ୟମଣି ସାହୁ, ବିଜୟ ରାଉତ, ଜଗବନ୍ଧୁ ବେହେରା, ୱାର୍ଡମେମ୍ବର ପଙ୍କଜ ପ୍ରଧାନ, ନିର୍ମଳ ରାଉତ, ବିନୋଦିନୀ ବେହେରା ପ୍ରମୁଖ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଭାବେ ଜଣାଇଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଉଦୟନାଥ ମହାପାତ୍ର ଦାବିପତ୍ର ଗ୍ରହଣ କରିଥିଲେ।

## ବ୍ରାହ୍ମଣୀରେ ବୁଡ଼ି ଯନ୍ତ୍ରୀ ମୃତ

**ବଣଭୋଜି କରିବାକୁ ଯାଇଥିବାବେଳେ ଅଘଟଣ**

ଢେଙ୍କାନାଳ ଅଫିସ, ୨୧।୧

ବଣଭୋଜି କରିବାକୁ ଯାଇ ଗାଧୋଉଥିବାବେଳେ ବ୍ରାହ୍ମଣୀ ନଦୀରେ ବୁଡ଼ିଯାଇ ଜଣେ ଯନ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ଅନ୍ୟ ଜଣେ ଇଞ୍ଜିନିୟରଙ୍କୁ ଉଦ୍ଧାର କରାଯାଇଛି। ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ଥାନା ନାଧରା ରାମଚଣ୍ଡୀ ପୀଠ ନିକଟରେ ଶନିବାର ଏଭଳି ଅଘଟଣ ଘଟିଛି। ମୃତକ ହେଲେ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ଇଞ୍ଜିନିୟର ସିଦ୍ଧାର୍ଥ ସିଂ (୨୭)। ଗୁରୁତର ଅବସ୍ଥାରେ ଇଞ୍ଜିନିୟର ରବୀନ୍ଦ୍ର ସିଂଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ, ଟାଟା ଷ୍ଟିଲ୍ ମେରାମଣ୍ଡଳୀର ଇଞ୍ଜିନିୟର ଏବଂ କର୍ମଚାରୀଙ୍କ ସମେତ ୨୦ଜଣ ରାମଚଣ୍ଡୀ ପୀଠକୁ ବଣଭୋଜି କରିବାକୁ ଯାଇଥିଲେ। ବ୍ରାହ୍ମଣୀରେ ଗାଧୋଉଥିବା ବେଳେ ସିଦ୍ଧାର୍ଥ ଏବଂ ରବୀନ୍ଦ୍ର ନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଉପସ୍ଥିତ ସହକର୍ମୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଓଡାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସଙ୍କଟାପନ୍ନ ଅବସ୍ଥାରେ ସିଦ୍ଧାର୍ଥଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଓଡ଼ାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ରବୀନ୍ଦ୍ର ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

ମୃତ ସିଦ୍ଧାର୍ଥ କମ୍ପାନୀର ସିଏମ୍‌ଡି ବିଭାଗରେ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ଘର ଉତ୍ତରପ୍ରଦେଶର ପିଲ୍‌ଭିତ ଅଞ୍ଚଳରେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏଭଳି ଦୁଃଖଦ ଘଟଣା କମ୍ପାନୀ କର୍ମଚାରୀଙ୍କ ମଧ୍ୟରେ ଶୋକର ଛାୟା ଖେଳାଇ ଦେଇଛି।



## ଦୋକାନୀଙ୍କୁ ମାଡ଼ ଅଭିଯୋଗ

ବଉଣ୍ଡା, ୨୧।୧ (ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ସତ୍ୟବାଦୀପୁର ଗ୍ରାମର କୈଳାଶ ସାହୁଙ୍କୁ ସେହି ଗ୍ରାମର ଜେନାମଣି ସାହୁ ମାଡ଼ ମାରିବା ସହ ଦୋକାନ ଭଙ୍ଗାରୁଜା କରିଥିବା କୈଳାଶ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୧୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, କୈଳାଶ ଦୋକାନରେ ବସିଥିବା ବେଳେ ବିନା କାରଣରେ ତାଙ୍କୁ ଜେନାମଣି ଆକ୍ରମଣ କରିବା ସହ ଦୋକାନରେ ପଶି ମାଡ଼ ମାରିଥିବା ଅଭିଯୋଗ ହୋଇଛି।



ଅନୁଗୋଳ ଜିଲା ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ନୃତ୍ୟ ନୀଳୟ କଳାକାରଙ୍କ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।



ଢେଙ୍କାନାଳ ଜିଲାରୁ ଆସିଥିବା କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ଛେଣ୍ଡିପଦାର ପାଲା କଳାକାରମାନେ ପାଲା ପରିବେଷଣ କରୁଛନ୍ତି।

# ଓଡ଼ିଶାର କଳା, ସଂସ୍କୃତି ବିଶ୍ୱ ପ୍ରସିଦ୍ଧ

**ଅନୁଗୋଳ ଜିଲା ମହୋତ୍ସବର ୪ର୍ଥ ସନ୍ଧ୍ୟା**

**ଅନୁଗୋଳ ଅଫିସ, ୨୧।୧**

ଓଡ଼ିଶାର କଳା, ସଂସ୍କୃତି କେବଳ ଦେଶରେ ନୁହେଁ, ବିଶ୍ୱରେ ପ୍ରସିଦ୍ଧି ଅର୍ଜନ କରିଛି। ଅନୁଗୋଳ ଜିଲାର କଳାକାରମାନେ ମଧ୍ୟ ବେଶ୍ ପ୍ରତିଭାବାନ। ଅନୁଗୋଳ ଜିଲା ମହୋତ୍ସବର ୪ର୍ଥ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ ଏହି ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଦେବଗଡ଼ ଜିଲାପାଳ ସୌମେଶ କୁମାର ଉପାଧ୍ୟାୟ, ଉତ୍ତର କେନ୍ଦ୍ରାଞ୍ଚଳ ରେଞ୍ଜ ଡିଆଇଜି ବ୍ରିଜେଶ କୁମାର ରାଏ, ଅତିରିକ୍ତ ଜିଲାପାଳ ସନ୍ତୋଷ ପ୍ରଧାନ, ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଏସ୍‌ପି ପ୍ରସନ୍ନ ବିଶ୍ୱାଳ ମଞ୍ଚାସୀନ ଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କହିଥିଲେ ଯେ, ଅନ୍ୟ ଜିଲାରୁ ଆସୁଥିବା କଳାକାର ଏଠାରେ କଳା ପ୍ରଦର୍ଶନ କରୁଥିବାରୁ ଜିଲାର କଳାକାରମାନେ ସେମାନଙ୍କଠାରୁ କିଛି ଶିକ୍ଷା ପାଉଛନ୍ତି। ଏହା ସଂସ୍କୃତି ମଧ୍ୟରେ ସମନ୍ୱୟ ସୃଷ୍ଟି କରୁଛି। ଡିଆଇଜି ରାଏ କହିଥିଲେ, ୫ ବର୍ଷ ପୂର୍ବେ ଏଭଳି ଉତ୍ସବ ସହିତ ଯୋଡ଼ି ହୋଇଥିଲି। ଜିଲାପାଳଙ୍କ ନିମନ୍ତ୍ରଣ କ୍ରମେ ପୁଣିଥରେ ଏଥିରେ ସାମିଲ ହେବାର ସୁଯୋଗ ମିଳିଥିବାରୁ ଜିଲାପାଳଙ୍କୁ ଧନ୍ୟବାଦ ଦେଉଛି। କଳାକାରଙ୍କ ବିକାଶ ପାଇଁ ଏହି ମଞ୍ଚ ଭରପୂର ସୁଯୋଗ ସୃଷ୍ଟି କରୁଛି ବୋଲି ଡିଆଇଜି ପ୍ରକାଶ କରିଥିଲେ। ଏହି ଅବସରରେ ଜିଲାର ସ୍ୱତନ୍ତ୍ର ପୋଷ୍ଟକାର୍ଡକୁ ବିକ୍ରୟ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯାଇଥିଲା। ଜିଲାକୁ ୩୦ ବର୍ଷ ପୂରଣ ହୋଇଥିବାରୁ ୬ଟି ସୌନ୍ଦର୍ଯ୍ୟ ସ୍ଥାନ ତାଳଚେର ପ୍ୟାଲେସ, ସାନ ଚିଲିକା, ମା' ବୁଢ଼ୀ, ଆଠମଲ୍ଲିକର ଜଙ୍ଗଲ ରାସ୍ତା, ସାତକୋଶିଆ, ଆଇ ଲଭ ଅନୁଗୋଳ ସେଲ୍‌ଫି ପଏଣ୍ଟକୁ ନେଇ ଏହି ପୋଷ୍ଟକାର୍ଡ ତିଆରି ହୋଇଛି। ଏହା ପଲ୍ଲିଶ୍ରୀ ମେଳାର ନାରୀ ଶକ୍ତି ଷ୍ଟଲରେ ଉପଲବ୍ଧ ହେଉଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଥିଲେ।




୪ର୍ଥ ସନ୍ଧ୍ୟାର ଉଦ୍‌ଘାଟନୀ ସଭା ମଞ୍ଚରେ ଆର୍‌ଡିସି, ଜିଲାପାଳ, ଡିଆଇଜିଙ୍କ ସମେତ ଅନ୍ୟ ଅଧିକାରୀମାନେ।

# ଦିଲ୍ କୋ କରାର୍ ଆୟା...



ୟାସିର ଦେଶାଇ

**ଅନୁଗୋଳ ଅଫିସ, ୨୧।୧**

ମେଲୋଡ଼ି ଗୀତ କଲା ମତୁଆଲା। ଦୁଲୁକାଇଦେଲା ମଞ୍ଚ। ଚେୟାରରେ ବସାଇ ଦେଇ ନ ଥିଲା ଦର୍ଶକଙ୍କୁ। ଗୀତର ତାଳେ ତାଳେ ଯୁବତୀ ଯୁବକମାନେ ଆରମ୍ଭ କରିଦେଇଥିଲେ ନୃତ୍ୟ। କିଏ ମର୍ଦ୍ଦନ ତ ଆଉ କିଏ ଲଗାଇଥିଲେ ଠୁମ୍‌କା। ଘନ ଘନ ତାଳିରେ ପ୍ରକମ୍ପିତ ହୋଇଉଠିଥିଲା ଅନୁଗୋଳ ଷ୍ଟାଡିୟମ। ଓଲିଉଡ୍ ଓ ବଲିଉଡ ସିଙ୍ଗରଙ୍କ ଯାଦୁକରୀ ସ୍ୱର ଶନିବାର ଏପରି ଧମାଲ କରିଥିଲା ଜିଲା ମହୋତ୍ସବର ୪ର୍ଥ ସନ୍ଧ୍ୟାରେ।

ସନ୍ଧ୍ୟାର ସଙ୍ଗୀତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଓଡ଼ିଉଡ୍ କଣ୍ଠଶିଳ୍ପୀ ଆଶୁତୋଷଙ୍କଠାରୁ। ତାଙ୍କ କଣ୍ଠରୁ ଝରି ପଡୁଥିଲା ଗୋଟିଏ ପରେ ଗୋଟିଏ ମେଲୋଡି ସଙ୍ଗୀତ। ତୁ ନୀଳ ପିନ୍ଧିଲେ ନୀଳପରୀ ଧଳା ପିନ୍ଧିଲେ ଅପସରୀ..., ରହିଯା ରଘୁଆ ଖାଇକି ଯିବୁ..., ଔଷଧ ନେଇ ଆ ଯାନିଆ..., ବୋଉ ମାରିବ... ଭଳି ଅନେକ ହିଟ୍ ସଙ୍ଗୀତ ଅନୁଗୋଳ ଷ୍ଟାଡିୟମ ପରିବେଶକୁ ସରଗରମ କରିଦେଇଥିଲା। ଏହାପରେ ଅନ୍ୟତମ ଓଲିଉଡ କଣ୍ଠଶିଳ୍ପୀ ଅର୍ପିତା ଚୌଧୁରୀ ଆସିଥିଲେ ଷ୍ଟେଜକୁ। ମୁଁ ଆକାଶ ହେଲେ ତୁ ବରଷା..., ମନ ଖୋଜୁଥିଲା ଗୋଟିଏ ପ୍ରମିକା..., ତୋ ଗଳିର ସେପାଖେ ଶେଫାଳି ଫୁଟିଲେ ମୋ ଗଳିରେ ବାସେ..., ନାହିଁ ମୋ ପାଦେ ଆଜି ନୂପୁର... ପରି ହୃଦୟଛୁଆଁ ଗୀତ ଗାଇ ଭିଜାଇ ଦେଇଥିଲେ ଦର୍ଶକଙ୍କୁ। ଏହାପରେ ଆରମ୍ଭ ହୋଇଥିଲା ବଲିଉଡ କଣ୍ଠଶିଳ୍ପୀଙ୍କ ରାଜୁତି। ୟାସିର ଦେଶାଇ ମଞ୍ଚ ଉପରକୁ ଆସିବା ମାତ୍ରେ ଦର୍ଶକଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା ରୋମାଞ୍ଚ। ଦିଲ୍ କୋ କରାର୍ ଆୟା..., ତେରେ ୟାଦ୍ ଭୁଲାଦେତି ହେ..., କେହେତା ହେ ଦିଲ୍ ଜଲେ ଜରା..., ଓଃ ଲମ୍ହେ... ଆଦି ଗୀତ ବେଶ୍ ପସନ୍ଦ ଆସିଥିଲା ଦର୍ଶକଙ୍କୁ। ତେବେ ୪ର୍ଥ ସନ୍ଧ୍ୟା ଆରମ୍ଭ ହୋଇଥିଲା ବିଭିନ୍ନ କଳା ସଂସ୍କୃତି ସଂଘର ସାଂସ୍କୃତିକ କାର୍ଯ୍ୟକ୍ରମରୁ।



ଆଶୁତୋଷ



ଅର୍ପିତା ଚୌଧୁରୀ

# ଜୀବନ ସଂଘର୍ଷରୁ ଜନ୍ମ ନିଏ ସାହିତ୍ୟ

**ଅନୁଗୋଳ ଅଫିସ,୨୧।୧**

ଅନୁଗୋଳ ଜିଲା ମହୋତ୍ସବ ଅବସରରେ ଜିଲା ସଂସ୍କୃତି ପରିଷଦ ଓ ଅନୁଗୋଳ ଜିଲା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଜିଲାସ୍ତରୀୟ ସାରସ୍ୱତ ସମାରୋହ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି କୁମୁଦ ଚନ୍ଦ୍ର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷିକେଶ ମଲ୍ଲିକ ଯୋଗଦେଇ କହିଲେ ଯେ, ଜୀବନ ସଂଘର୍ଷରୁ ଜନ୍ମ ନିଏ ସାହିତ୍ୟ। ଏହି ସଂଘର୍ଷକୁ ଦେଖାଇବା ହେଉଛି ସାହିତ୍ୟର ଧର୍ମ। ରାମାୟଣ ଓ ମହାଭାରତ ମଧ୍ୟରେ ଥିବା ମହାମନ୍ତ୍ରକୁ ଆତ୍ମସ୍ଥ କରିପାରିଲେ ଜୀବନର ପ୍ରତ୍ୟେକ ସମସ୍ୟାର ସମାଧାନ ହୋଇପାରିବ। ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଦାଶ ବେନହୁର ଯୋଗଦେଇଥିଲେ। ମୁଖ୍ୟବକ୍ତା ବେନହୁର କହିଥିଲେ, ସାହିତ୍ୟକୁ ଭାଷା ଓ କାଳ ମଧ୍ୟରେ ଆବଦ୍ଧ ନ କରି ତାହା ଦିଗନ୍ତ ବିସ୍ତାରି ଦିଗପ୍ରତି ଧ୍ୟାନ ଦେବା ଆବଶ୍ୟକ। ଏହି ଅବସରରେ ପ୍ରଧାପକ ହୃଦାନନ୍ଦ ବେହେରା, ଡ. ବିନୟ କୁମାର ଖିଲାର ମିଳିତ ଭାବେ ରଚିତ ପୁସ୍ତକ 'ପୁରାଣଚରିତ ସାର ସଂଗ୍ରହ' ଏବଂ ଡ. ସୁଷମା ଚୌଧୁରୀଙ୍କ ଗଳ୍ପ ପୁସ୍ତକ ଜୀବନର କେତେ ରଙ୍ଗକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ସର ସ୍ୱାଗତ ଭାଷଣ ଦେଇଥିଲେ। ଅପରାହ୍ନ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ସଂଗ୍ରାମ କେଶରୀ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କବି ରାଧାକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।




ଜିଲା ମହୋତ୍ସବ ଅବସରରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ମଞ୍ଚାସୀନ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକଙ୍କ ସହ ସାହିତ୍ୟିକମାନେ।

# ମନୋବଳ ଦୃଢ଼ କରୁଛି ଆତ୍ମରକ୍ଷା ତାଲିମ




**କଣିହାଁ, ୨୧।୧ (ଡି.ଏନ.ଏ.)**

କଣିହାଁ ଯୁକ୍ତ ୨ ମହାବିଦ୍ୟାଳୟରେ ୮ଦିନ ଧରି ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ମଦନମୋହନ ମହାନ୍ତି, ଅଧ୍ୟାପକ ନାରାୟଣ ଦାସ, ନୃସିଂହ ଦେବତା, ସ୍ନେହଲତା ମହାପାତ୍ର ପ୍ରମୁଖ ଯୋଗଦେଇ ତାଲିମ ଶିବିର ଦ୍ୱାରା ଛାତ୍ରୀମାନଙ୍କ ଆତ୍ମବିଶ୍ୱାସ ବଢିଥିବା କହିଥିଲେ। ଯୁକ୍ତ ୨ ପ୍ରଥମ ବର୍ଷର ବିଜ୍ଞାନ କଳା ବିଭାଗର ଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଟ୍ରେନର ସାଗରିକା ସାହୁ ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟାପିକା ତୃପ୍ତିମୟୀ ନାୟକ, ରୋଜାଲିନ ବେହେରା ଏହାକୁ ପରିଚାଳନା କରିଥିଲେ। ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ପିଟିସି ଉଚ୍ଚ ବିଦ୍ୟାଳୟରେ ଆଲୋଚନାଚକ୍ର

**ଅନୁଗୋଳ ଅଫିସ, ୨୧।୧**

ଅନୁଗୋଳ ପିଟିସି ଉଚ୍ଚ ବିଦ୍ୟାଳୟ ପରିସରରେ ଶହୀଦ ମାନସ ରଞ୍ଜନ ସ୍ମୃତି ପରିଷଦ ପକ୍ଷରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। '୩୦ ବର୍ଷରେ ଅନୁଗୋଳ ଜିଲା' ଶୀର୍ଷକ ଏହି ଆଲୋଚନାଚକ୍ରରେ ଭାଗନେଇ ଛାତ୍ରୀଛାତ୍ରମାନେ ଗତ ୩ ଦଶନ୍ଧି ମଧ୍ୟରେ ଅନୁଗୋଳ ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଶିଳ୍ପ କ୍ଷେତ୍ରରେ କିଭଳି ବିକାଶ ଘଟିଛି ତାହା ବର୍ଣ୍ଣନା କରିଥିବା ବେଳେ କେତେଜଣ ଛାତ୍ରୀଛାତ୍ର ଜିଲାରେ ମେଡିକାଲ କଲେଜର ଆବଶ୍ୟକତା ଓ ଅଧିକ ନିଯୁକ୍ତ ସୁଯୋଗ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍କୁଲ ପ୍ରଧାନ ଶିକ୍ଷକ କେଦାର ବେହେରା, ସମ୍ମାନିତ ଅତିଥି ଭାବେ ସୁଧୀରେନ୍ଦ୍ର ପରିଜା, ଶିକ୍ଷୟିତ୍ରୀ ସରୋଜିନୀ ଦେଇ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସେଠୀ ଓ ମମତା ସାହୁ ବକ୍ତୃତା ପ୍ରତିଯୋଗିତାର ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ବିଷ୍ଣୁ ପ୍ରସାଦ ଚଇନି, ପୂର୍ବାଶା ବେହେରା ଓ ପ୍ରୟାସିନି ନାଥଙ୍କୁ ପୁରସ୍କୃତ କରାଯାଇଥିଲା। ପରିଷଦର ଆବାହକ ବିଶ୍ୱରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

# ନିଷ୍ଠାପର ଉଦ୍ୟମ ସଫଳତା ଦେବ

**ତାଳଚେର, ୨୧।୧ (ନି.ପ୍ର.):**

ତାଳଚେର ବ୍ଲକ କନ୍ଧବେରେଣୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ନାରାୟଣ ସାହୁଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତି ସଭାପତି ମଦନ ନାଏକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସରପଞ୍ଚ ମହର୍ଗା ବେହେରା, ମୁଖ୍ୟବକ୍ତା ଭାବେ ବିଭୂତି ଭୂଷଣ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଲକ୍ଷ୍ମଣ ବେହେରା, ସନ୍ତୋଷ କୁମାର ପରିଡ଼ା ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ଓ ନିଷ୍ଠାପର ଭାବେ ଉଦ୍ୟମ କଲେ ସଫଳ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଘନଶ୍ୟାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କନକ କିଷାନ, ଦେବକୀ ପାତ୍ର, ମଞ୍ଜୁ ସାହୁ, ସୁରବାଲି ପ୍ରଧାନ ସହଯୋଗ କରିଥିଲେ।




ଉଦ୍‌ଯାପନୀ ସଭାରେ ମଞ୍ଚାସୀନ ଅତିଥିମାନେ।

# ସଜାଗ ରହିବାକୁ କର୍ମକର୍ତ୍ତାଙ୍କୁ ପରାମର୍ଶ

**ମାଧପୁର, ୨୧।୧**

ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରି ପଞ୍ଚାୟତ ଆମ୍ବ ବଗିଚାଠାରେ ଆଠମଲ୍ଲିକ ଭାଜପାର ଏକ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ବିଜୟାନନ୍ଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି କାର୍ଯ୍ୟକର୍ତ୍ତାମାନେ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକାଶ ସାହୁ, ସୌମ୍ୟରଞ୍ଜନ ମହାନ୍ତି, ଅଲେଖ ଭୋଇ, ଦେବକାନ୍ତ ରଣଭୂଇଁସା, ନବ ମାହାର, ଅନ୍ତର୍ଯ୍ୟାମୀ ମହାଖୁଡ, ଆରତୀ ନାୟକ, ଅମ୍ବିକା ପ୍ରସାଦ ଦେହୁରୀ, ରମେଶ ପ୍ରଧାନ, ରଞ୍ଜନ ପ୍ରଧାନ, ଜମେଶ୍ୱର ନାୟକ, ପରମାନନ୍ଦ ବଘାର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତାମାନେ।

# ଆଜିଠାରୁ ପ୍ଲାଟିନମ ଜୁବିଲି ପାଳନ

**ଛେଣ୍ଡିପଦା,୨୧।୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ବାଗଡିଆ ଉଚ୍ଚବିଦ୍ୟାଳୟର ପ୍ଲାଟିନମ ଜୁବିଲି ପାଳନ ରବିଠାରୁ ଆରମ୍ଭ ହେବ। ୧୯୪୭ରେ ସ୍ଥାପିତ ଛେଣ୍ଡିପଦା ବ୍ଲକର ଏହି ସର୍ବପୁରାତନ ଉଚ୍ଚବିଦ୍ୟାଳୟ ଚଳିତ ବର୍ଷ ୭୫ ବର୍ଷ ପୂରଣ କରିଛି। ତେଣୁ ବିଦ୍ୟାଳୟର ୩ ଦିନିଆ ପ୍ଲାଟିନମ ଜୁବିଲି ପାଳନ କରାଯିବାକୁ ପ୍ରସ୍ତୁତି ଶେଷ ହୋଇଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ଦିବସରେ ଅଞ୍ଚଳର ବିଭିନ୍ନ ଠାକୁରାଣୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା, ଗୁରୁପୂଜନ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମୁଖ୍ୟ ଅତିଥି ଭାବେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ର ଓ ମୁଖ୍ୟ ବକ୍ତା ଭାବେ ଜିଲାଶିକ୍ଷାଧିକାରୀ ଯୋଗଦେବେ। ସେହିପରି ୨ୟ ଦିବସରେ ମିନି ମାରାଥନ ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ୨୪ ତାରିଖ ଉଦ୍‌ଯାପନୀ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପବାଚସ୍ପତି, ମୁଖ୍ୟବକ୍ତା ଭାବେ ମୁଖ୍ୟ ସଚେତକ ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ ଶିକ୍ଷାମନ୍ତ୍ରୀ ଓ ଜିଲାର ସମସ୍ତ ବିଧାୟକ ଯୋଗଦେବେ ବୋଲି କମିଟି ସଭାପତି ପ୍ରାଧ୍ୟାପକ ପ୍ରଦୀପ କୁମାର କର, ପରାମର୍ଶଦାତା ଗୋଲଖ ବିହାରି ପ୍ରଧାନ, ଉପସଭାପତି ଉଦୟନାଥ ମାଝି, ଭବାନୀଶଙ୍କର ପ୍ରସାଦ ସାହୁ, ସମ୍ପାଦକ ସତ୍ୟବ୍ରତ ପ୍ରଧାନ, ସହସମ୍ପାଦକ ଜଳଧର ସେଠୀ, ମୋହନ ଚରଣ ଦେହୁରୀ, କୋଷାଧ୍ୟକ୍ଷ ବୁଦ୍ଧଦେବ ପ୍ରଧାନ, ବିଶ୍ୱନାଥ ଦେହୁରୀ, ବଂଶୀଧର ଦେହୁରୀ, ଜଗଦାନନ୍ଦ ସେଠୀ, ତ୍ରିଲୋଚନ ମାଝି, ମିଳନ ମହାପାତ୍ର, ଗଗନ ସାହୁ, ଗଗନବିହାରୀ ପ୍ରଧାନ, ଦାଶରଥି ବାରିକ, ବିଛନ୍ଦ ବେହେରା, ପ୍ରଦୀପ କୁମାର ସାହୁ, ଅନନ୍ତ ଚରଣ ସାହୁ, ଗିରୀଶ ଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।



# ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଘାଟିତ

**ଛେଣ୍ଡିପଦା,୨୧।୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଜରପଡା ପତିତପାବନ ଯୁକ୍ତ ୨ ମହାବିଦ୍ୟାଳୟର ପ୍ରଥମ ବାର୍ଷିକ ଛାତ୍ରୀଙ୍କ ଆତ୍ମରକ୍ଷା କୌଶଳ ଶିବିର ଅଧ୍ୟକ୍ଷ ଜଗବନ୍ଧୁ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଏହି ଶିବିରର ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ ପ୍ରଶିକ୍ଷଣରୁ ଶିକ୍ଷାଲାଭ କରିଥିବା କୌଶଳ ପ୍ରୟୋଗ କରିପାରିଲେ ଛାତ୍ରୀମାନେ ନିଜକୁ ସୁରକ୍ଷିତ ରଖିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ୮ ଦନିଆ ଶିବିରରେ ଅନୁରାଧା ନାଏକ ଓ ଇତିଶ୍ରୀ ସାହୁ ପ୍ରଶିକ୍ଷିକା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଅମ୍ତରକ୍ଷା କୌଶଳ ତାଲିମ ପ୍ରଦାନ କରୁଛନ୍ତି। କ୍ରୀଡ଼ା ଅଧ୍ୟାପକ ରଞ୍ଜନ କୁମାର ସାହୁ ଶିବିର ପରିଚାଳନା କରୁଛନ୍ତି।



ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦିଆଯାଉଛି।

